## ସଂକ୍ଷେପରେ

### ବିଧାୟକଙ୍କ ଦ୍ୱାରା ସେତୁ ଉଦ୍‌ଘାଟିତ

ବାହାନଗା, ୨୦।୧(ଡି.ଏନ.ଏ.)-ବାଲେଶ୍ୱର ଜିଲା ବାହାନଗା ବ୍ଲକ ଚିତ୍ତଳ ପଞ୍ଚାୟତ ଦେଇ ଯାଇଥିବା ସଲ୍ଟ ରୋଡର ବାଲିକିଓିରଣଠାରେ ଏକ ନୂତନ ସେତୁ ସୋର ବିଧାୟକ ପର୍ଶୁରାମ ଧଡା ଉଦ୍‌ଘାଟନ କରିଛନ୍ତି। ପୂର୍ବରୁ ସେଠାରେ ଏକ ଘୋଷରା ପୋଲ ଥିବାରୁ ବର୍ଷା ଦିନରେ ଲୋକମାନେ ଯାତାୟାତ ପାଇଁ ଅସୁବିଧାର ସମ୍ମୁଖୀନ ହେଉଥିଲେ। ଲୋକଙ୍କ ଦାବି ଅନୁଯାୟୀ ବିଧାୟକ ଧଡାଙ୍କ ପ୍ରଚେଷ୍ଟାରେ ୫କୋଟି ୫୬ଲକ୍ଷ ୧୫ହଜାର ଟଙ୍କା ବ୍ୟୟବରାଦ କରାଯାଇ ନୂତନ ସେତୁ ନିର୍ମାଣ କରାଯାଇଛି। ଏହି ସେତୁକୁ ଗତ ଡିସେମ୍ବର ୨୨ତାରିଖରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଭର୍ଚୁଆଲ ମାଧମରେ ଉଦ୍‌ଘାଟନ କରିଥିଲେ। ବିଧାୟକ ଧଡା ଆନୁଷ୍ଠାନିକ ଭାବେ ସର୍ବସାଧାରଣଙ୍କ ଉଦ୍ଦେଶ୍ୟରେ ଏହି ନୂତନ ସେତୁକୁ ଉଦ୍‌ଘାଟନ କରିଥିଲେ। ଏହି ଉତ୍ସବରେ ବିଧାୟକ ଧଡାଙ୍କ ସମେତ ବାହାନଗା ବ୍ଲକ ଅଧକ୍ଷ ବିଶ୍ୱନାଥ ମିଶ୍ର, ବିଜେଡି ବ୍ଲକ ସଭାପତି ଅଜୟ କୁମାର ପଣ୍ଡା, ୧୯ନମ୍ବର ଜୋନର ଜିଲା ପରିଷଦ ସଭ୍ୟା ବିନପ୍ରଭା ଶିଖର, ୨୦ନମ୍ବର ଜୋନର ଜିଲା ପରିଷଦ ସଭ୍ୟ ଶିଶିର କୁମାର ଅଗସ୍ତି, ଚିତ୍ତଳ ପଞ୍ଚାୟତ ସରପଞ୍ଚ ଗଜେନ୍ଦ୍ର ମହାଳିକ, ସମିତିସଭ୍ୟ ଶମ୍ଭୁନାଥ ସେଠୀ, କୁରୁଡା ପଞ୍ଚାୟତ ସରପଞ୍ଚ ମୀନତି ସେଠୀ, ସମିତିସଭ୍ୟ କମଳା ଶିଅଳଙ୍କ ସମେତ ପୂର୍ତ୍ତବିଭାଗ ଏସ୍‌ଡିଓ, କନିଷ୍ଠଯନ୍ତ୍ରୀ ପ୍ରମୁଖ ଉପସ୍ଥିତରେ ଉଦ୍‌ଘାଟନ ହୋଇଥିଲା।

### ଜଙ୍ଗଲରୁ ୨ ମୃତଦେହ ଜବତ

ବୈଶିଙ୍ଗା/ ସାରସକଣା,୨୦।୧(ଡି.ଏନ.ଏ.)-ମୟୂରଭଞ୍ଜ ଜିଲା ବୈଶିଙ୍ଗା ଓ ଝାରପୋଖରିଆ ଥାନା ପୋଲିସ ସ୍ଥାନୀୟ ଜଙ୍ଗଲରୁ ୨ ମୃତଦେହ ଜବତ କରିଛି। ବୈଶିଙ୍ଗା ଥାନା ଅଧୀନ ବଙ୍ଗାଳିଡାହି ଗ୍ରାମ୍ୟ ଜଙ୍ଗଲରେ ଶୁକ୍ରବାର ଜଣେ ବ୍ୟକ୍ତିଙ୍କ ମୃତଦେହ ଗଛରେ ଝୁଲୁଥିବା ଦେଖିବାକୁ ମିଳିଥିଲା। ବୈଶିଙ୍ଗା ପୋଲିସ ମୃତଦେହ ବ୍ୟବଚ୍ଛେଦ ପାଇଁ ପଠାଇ ତଦନ୍ତ ଜାରି ରଖିଛି। ଏନେଇ ଥାନାରେ ଏକ ଅପମୃତ୍ୟୁ ମାମଲା (ନଂ.୬/୨୩) ରୁଜୁ ହୋଇଛି। ମୃତ୍ୟୁର କାରଣ ସ୍ପଷ୍ଟ ହୋଇନି। ମୃତକ ହେଲେ ବାଲେଶ୍ୱର ଜିଲା ସଦର ଥାନା ଅଧୀନ କାୟାକୋଦଳା ଅଞ୍ଚଳର ରୁହ୍ୟା ମାଝି। ସେ ଟ୍ରଲରରେ ମାଛଧରା କାର୍ଯ୍ୟରେ ନିୟୋଜିତ ଥିଲେ। ଗତ ୬ବର୍ଷ ହେଲା ସେ ବଙ୍ଗାଳିଡାହି ଗ୍ରାମସ୍ଥିତ ଝିଅ ଘରେ ରହି ଆସୁଥିଲେ। ଗୁରୁବାର ସନ୍ଧ୍ୟାରୁ ସେ ନିଖୋଜ ଥିଲେ। ସେହିପରି ଝାରପୋଖରିଆ ଥାନା ଅଧୀନ ପଳାଶିଆ ଗ୍ରାମ ନିକଟସ୍ଥ ଜଙ୍ଗଲରୁ ଅନ୍ୟ ଜଣେ ବ୍ୟକ୍ତିଙ୍କ ମୃତଦେହକୁ ପୋଲିସ ଜବତ କରିଛି। ମୃତକ ହେଲେ ଟିପୁ ମୁଣ୍ଡା। ଏନେଇ ଥାନାରେ ଏକ ଅପମୃତ୍ୟୁ ମାମଲା (ନଂ.୪/୨୩) ରୁଜୁ ହୋଇଛି।

### ପିପିପି ମୋଡ୍‌ରେ ମେଡିକାଲ କଲେଜ ସ୍ଥାପନକୁ ଆଇଏମ୍‌ଏର ସ୍ୱାଗତ

ଭଦ୍ରକ ଅଫିସ, ୨୦।୧: ଭଦ୍ରକ ଜିଲା ଭାରତୀୟ ଚିକିତ୍ସକ ସଂଘର ଏକ ସାଧାରଣ ସଭା ଡା. ଶତ୍ରୁଘ୍ନ ହାତୀଙ୍କ ସଭାପତିତ୍ୱରେ ଭଦ୍ରକର ଏକ ହୋଟେଲ ସଭାଗୃହରେ ଅନୁଷ୍ଠିତ ହୋଇଯାଇଛି। ଏଥିରେ ଜିଲା ସମ୍ପାଦକ ଡା. ହରେକୃଷ୍ଣ ନାୟକ ଆଦାନୀ କମ୍ପାନୀ ପକ୍ଷରୁ ପିପିପି ମୋଡ଼ରେ ମେଡିକାଲ କଲେଜ ସ୍ଥାପନ ପ୍ରସ୍ତାବକୁ ସ୍ୱାଗତ କରିଥିଲେ। ସରକାର ଏହାକୁ ତୁରନ୍ତ କ୍ୟାବିନେଟ ମଞ୍ଜୁର କରି ବିଜ୍ଞପ୍ତି ପ୍ରକାଶ କରିବାକୁ ଅନୁରୋଧ କରାଯାଇଥିଲା। ଉକ୍ତ ସଭାରେ ଡ. ରବୀନ୍ଦ୍ର ନାୟକ, ଭାଗ୍ୟଶ୍ରୀ ପଣ୍ଡା, ଧନଞ୍ଜୟ ପଣ୍ଡା, ରଞ୍ଜିତ ଖଟୁଆ, ସନ୍ତୋଷ ଜେନା, ବିମଳା ମିଶ୍ର ପ୍ରମୁଖ ଉପସ୍ଥିତ ଥିଲେ।

# ୨ ଡାକ୍ତରଖାନା ଦାୟିତ୍ୱରେ ଜଣେ ଅଧିକାରୀ

**ପଦ୍ମପୁର, ବାଂଶପାଳ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର**

- ଅବ୍ୟବସ୍ଥାରେ ସ୍ୱାସ୍ଥ୍ୟସେବା
- ମେଡିକାଲ ଗସ୍ତ କି ଯାଞ୍ଚ କରୁନାହାନ୍ତି

କେନ୍ଦୁଝର,୨୦।୧(ସ୍ୱ.ପ୍ର.)

କର୍ମଚାରୀ ଅଭାବ ଆଳରେ କେନ୍ଦୁଝର ଜିଲାର ପଦ୍ମପୁର ଓ ବାଂଶପାଳ ଦୁଇଟି ଗୁରୁତ୍ୱପୂର୍ଣ୍ଣ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରର ଦାୟିତ୍ୱରେ ଜଣେ ଡାକ୍ତର(ଅଧିକାରୀ)ଙ୍କୁ ନିଯୁକ୍ତ କରାଯାଇଛି। ଫଳରେ ରୋଗୀଙ୍କୁ ଠିକ୍ ଭାବରେ ସ୍ୱାସ୍ଥ୍ୟସେବା ମିଳିପାରୁନାହିଁ। ଉକ୍ତ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଅଧୀନରେ ଥିବା ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ରରେ ମଧ୍ୟ ସ୍ୱାସ୍ଥ୍ୟସେବା ପରିଚାଳନାରେ ସମସ୍ୟା ସୃଷ୍ଟି ହେଉଛି। ଲୋକେ ଉଚିତ ସ୍ୱାସ୍ଥ୍ୟସେବା ପାଇ ନ ପାରି ଜିଲା ମୁଖ୍ୟ ବା ଅନ୍ୟ ଡାକ୍ତରଖାନାକୁ ଯାଇ ଖର୍ଚ୍ଚାନ୍ତ ହେଉଛନ୍ତି।

ପ୍ରକାଶ ଯେ, ସଦର ବ୍ଲକ୍‌ର ପଦ୍ମପୁର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଅଧୀନରେ ବରଦାପାଳ, ଜଗନ୍ନାଥପୁର, ରାଇସୁଆଁ, ଜଡ଼ିପଦା, ମଇଦାନକେଲ ଏବଂ ବାଂଶପାଳ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଅଧୀନରେ ଗୋନାସିକା, କାଞ୍ଚିପାଣି, ଫୁଲଝର, ଶୁଆକାଟି, କଲଣ୍ଡା ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ର ରହିଛି। ଆଦିବାସୀ ବହୁଳ ଓ ପଛୁଆ ଅଞ୍ଚଳରୁ ସ୍ଥାନୀୟ ଅଧିବାସୀମାନେ ଏହି ଡାକ୍ତରଖାନାଗୁଡ଼ିକ ଉପରେ ନିର୍ଭର କରନ୍ତି। ମାତ୍ର ଉକ୍ତ ଦୁଇ ଡାକ୍ତରଖାନା ଦାୟିତ୍ୱରେ ଥିବା ଡା. ଏସ୍.ସି ବାଗ ନିୟମିତ ଗସ୍ତ କରୁ ନ ଥିବାରୁ ପ୍ରାଥମିକ ଡାକ୍ତରଖାନାଗୁଡ଼ିକ ଠିକ୍ ଭାବରେ ପରିଚାଳନା ହୋଇପାରୁନାହିଁ। କେତେକ ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ରର ଡାକ୍ତର ତାଙ୍କ ସହ ସୁସମ୍ପର୍କ ସ୍ଥାପନ କରି ଡାକ୍ତରଖାନା ଯାଉ ନ ଥିବା ସ୍ଥାନୀୟ ଲୋକେ ଅଭିଯୋଗ କରିଛନ୍ତି। ଡାକ୍ତରମାନେ କ୍ୱାର୍ଟର୍ସରେ ନ ରହି କେନ୍ଦୁଝର ସହରରେ ରହୁଥିବାରୁ ସରକାରଙ୍କ ସ୍ୱାସ୍ଥ୍ୟସେବା ଆଭିମୁଖ୍ୟ ସଫଳ ହୋଇପାରୁନାହିଁ ବୋଲି ପଞ୍ଚାୟତ ସମିତି ସଭ୍ୟା କିରଣବାଳା ନାୟକ କହିଛନ୍ତି। ଏ ନେଇ ସିଡିଏମ୍‌ଓ ଡାକ୍ତର କୈଳାସ ଚନ୍ଦ୍ର ପୃଷ୍ଟି କହିଛନ୍ତି, ଡାକ୍ତର ଅଭାବରୁ ଏଭଳି ଦାୟିତ୍ୱ ଦିଆଯାଇଛି। ତେବେ ଅଧିକାରୀଙ୍କ କାମକାର୍ଯ୍ୟ ନେଇ ହେଉଥିବା ଅଭିଯୋଗର ତଦନ୍ତ କରି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବେ। ଜିଲା ପରିଷଦ ସଭ୍ୟ ରଥ ମୁଣ୍ଡା କହିଛନ୍ତି, ମେଡିକାଲରେ ବିଭିନ୍ନ ଅବ୍ୟବସ୍ଥା ନେଇ ଅଭିଯୋଗ ପାଇଛନ୍ତି। ଏନେଇ ସେ ଉଚ୍ଚ ଅଧିକାରୀଙ୍କ ଦୃଷ୍ଟି ଆକର୍ଷଣ କରିବେ ବୋଲି କହିଥିଲେ। ଅନ୍ୟପକ୍ଷରେ ଦାୟିତ୍ୱରେ ଥିବା ଡାକ୍ତର ବାଗ ସମସ୍ତ ଅଭିଯୋଗକୁ ଖଣ୍ଡନ କରିଛନ୍ତି। ସେ କେନ୍ଦୁଝରରେ ରହିଲେ ମଧ୍ୟ ଡାକ୍ତରଖାନା ନିୟମିତ ପରିଦର୍ଶନ କରନ୍ତି। ସ୍ୱାସ୍ଥ୍ୟସେବା ସବୁ ଠିକ୍ ଭାବରେ ଚାଲିଛି ବୋଲି କହିଥିଲେ।

# ମୁଖ୍ୟ ଅଭିଯୁକ୍ତଙ୍କୁ ଗିରଫ ଦାବିରେ ଅନଶନ



ଅନଶନରେ ସାମିଲ ପରିବାର ସଦସ୍ୟ ଓ ଅଞ୍ଚଳବାସୀ ।

**ଶିକ୍ଷକଙ୍କ ମୃତଦେହ ଜବତ ଘଟଣା**

ହାଟଡିହୀ,୨୦।୧ (ଡି.ଏନ.ଏ.)

କେନ୍ଦୁଝର ଜିଲା ହାଟଡ଼ିହୀ ବ୍ଲକ୍ ଢେଙ୍କା ହାଇସ୍କୁଲର ଶିକ୍ଷକ ଇଞ୍ଚଳ ଗ୍ରାମର ଅନିରୁଦ୍ଧ ସ୍ୱାଇଁଙ୍କ ମୃତଦେହ ରକ୍ତ ଜୁଡୁବୁଡୁ ଅବସ୍ଥାରେ ପୋଲିସ ଜବତ କରିଥିଲା। ଘଟଣାରେ ତାଙ୍କ ଭାଇ କଳାକାର ସ୍ୱାଇଁଙ୍କ ଅଭିଯୋଗରେ ନନ୍ଦିପଦା ପୋଲିସ ମାମଲା ରୁଜୁ କରି ଜଣଙ୍କୁ ଗିରଫ କରିଛି। ମାତ୍ର ଏପର୍ଯ୍ୟନ୍ତ ଘଟଣାର ମୁଖ୍ୟ ଅଭିଯୁକ୍ତଙ୍କୁ ଧରି ପାରି ନାହିଁ। ଫଳରେ ପୋଲିସ ଦକ୍ଷତାକୁ ପ୍ରଶ୍ନ କରି ଶିକ୍ଷକଙ୍କ ପରିବାର ଓ ସ୍ଥାନୀୟ ଲୋକେ ଶୁକ୍ରବାର ଥାନା ନିକଟ ଆନନ୍ଦପୁର -ଭଦ୍ରକ ୫୩ ନଂ. ରାଜ୍ୟ ରାଜପଥରେ ବସି ଅନଶନ କରିଥିଲେ। ରାସ୍ତା ଅବରୋଧ ଫଳରେ ଯାତାୟାତରେ ବାଧା ଉପୁଜିଥିଲା। ଗିରଫ ଅଭିଯୁକ୍ତକୁ ରିମାଣ୍ଡରେ ଆଣି ତଦନ୍ତ ପ୍ରକ୍ରିୟା ପୁଣି ତ୍ୱରାନିତ କରାଯିବ। ମୁଖ୍ୟ ଅଭିଯୁକ୍ତଙ୍କୁ ଶୀଘ୍ର ଗିରଫ କରାଯିବ ବୋଲି ଥାନାଧିକାରୀ ଗଗନ ବିଶ୍ୱାଳ ପ୍ରତିଶ୍ରୁତି ଦେବା ପରେ ଅନଶନ ପ୍ରତ୍ୟାହୃତ ହୋଇଥିଲା। ପ୍ରକାଶ ଯୋଗ୍ୟ, ୨୦୨୨ ନଭେମ୍ବର ୧୪ରେ ଶିକ୍ଷକଙ୍କ ରକ୍ତ ଜୁଡୁବୁଡୁ ଅବସ୍ଥାରେ ମୃତଦେହ ମରେଇଗାଁ ଭଡ଼ାଘରୁ ପୋଲିସ ଜବତ କରିଥିଲା।

**ମହିଳା ଡାକ୍ତର ଶୁଭଶ୍ରୀ ମୃତ୍ୟୁ ଘଟଣା**

# ଭିସେରା ରିପୋର୍ଟ ଆଧାରରେ ବାପାଙ୍କ ଏତଲା

ଯୋଡ଼ା,୨୦।୧(ଡି.ଏନ.ଏ)

କେନ୍ଦୁଝର ଜିଲା ଯୋଡ଼ା ସହରାଞ୍ଚଳ ପ୍ରାଥମିକ ସାସ୍ଥ୍ୟ କେନ୍ଦ୍ରର ଡାକ୍ତର ଶୁଭଶ୍ରୀ କରଙ୍କ ମୃତ୍ୟୁ ଘଟଣାରେ ଭିସେରା ରିପୋର୍ଟ ଆସିଛି। ଭିସେରା ରିପୋର୍ଟରେ ମଦ ସହିତ ନିଦ ବଟିକାର କିଛି ଅଂଶ ତାଙ୍କ ଦେହରେ ରହିଥିବା ପୋଲିସ ରିପୋର୍ଟରେ ଦର୍ଶାଇଛି। ରିପୋର୍ଟ ପରେ ଶୁକ୍ରବାର ମୃତ ଶୁଭଶ୍ରୀଙ୍କ ବାପା ଯୋଡ଼ା ଥାନାରେ ଏକ ଏତଲା ଦେଇଥିବା ଗଣମାଧ୍ୟମକୁ ସୂଚନା ଦେଇଛନ୍ତି।

ବାପା ମନୋରଞ୍ଜନ କର କହିଛନ୍ତି, ଗତ ଜାନୁୟାରୀ ୧ ରେ ଶୁଭଶ୍ରୀ ରହିଥିବା ଭଡ଼ା ଘରୁ ତାଙ୍କ ମୃତଦେହକୁ ପୋଲିସ ଜବତ କରିଥିଲା। ସେ ସମୟରେ ପୋଲିସ ମୃତଦେହ ନିକଟରୁ ଏକ ଠିପି ଖୋଲା ବୋତଲ ଜବତ କରିଥିଲା। ସେଥିରେ କିଛି ପାଉଡର ରହିଥିଲା ଏବଂ ବୋତଲର ଠିପି ଅଳ୍ପ ଦୂରରେ ପଡ଼ିଥିଲା। ଏହିସବୁ ଘଟଣାକୁ ଆଧାର କରି ତାଙ୍କ ଝିଅଙ୍କୁ ମଦରେ କିଛି ମିଶ୍ରଣ କରି ଦିଆଯାଇ ହତ୍ୟା କରାଯାଇଥିବା ଅଭିଯୋଗରେ ଦର୍ଶାଇଛନ୍ତି। ପୁରୁଷ ବନ୍ଧୁ ଡାକ୍ତର ଦିବ୍ୟରଞ୍ଜନ ମାଝୀଙ୍କୁ ମୁଖ୍ୟ ଅଭିଯୁକ୍ତ ବୋଲି ଦର୍ଶାଇ ଥିବା ବେଳେ ଆଉ ୩ ଡାକ୍ତର ବନ୍ଧୁଙ୍କୁ ତଦନ୍ତ ପରିସରଭୁକ୍ତ କରିଛନ୍ତି। ପୋଲିସ ଅଭିଯୋଗକୁ ଗ୍ରହଣ କରି ଘଟଣାର ତଦନ୍ତ ଆରମ୍ଭ କରିବା ପାଇଁ ପ୍ରତିଶ୍ରୁତି ଦେଇଥିବା ସେ କହିବା ସହିତ ତାଙ୍କୁ ନିଶ୍ଚିତ ଭାବେ ନ୍ୟାୟ ମିଳିବ ବୋଲି କହିଥିଲେ।

# ପ୍ରଣବ ପ୍ରକାଶଙ୍କୁ ଭେଟିଲେ ଖବରଦାତା


ବିଜେଡି ସାଙ୍ଗଠନିକ ସମ୍ପାଦକ ପ୍ରଣବ ପ୍ରକାଶ ଦାସଙ୍କୁ ଦାବିପତ୍ର ପ୍ରଦାନ କରାଯାଉଛି।

**ଉପଜିଲାପାଳଙ୍କ ବଦଳି ଦାବି**

ଉଦଳା,୨୦।୧(ଡି.ଏନ.ଏ.)

ମୟୂରଭଞ୍ଜ ଜିଲା କପ୍ତିପଦା ଉପଖଣ୍ଡ ସାମ୍ବାଦିକ ପରିବାର ପକ୍ଷରୁ ଉପଜିଲାପାଳ ଭଗବାନ ବେହେରାଙ୍କ ବଦଳି ଦାବି ନେଇ ଶୁକ୍ରବାର ଉଦଳା ଗସ୍ତରେ ଆସିଥିବା ବିଜେଡି ସାଙ୍ଗଠନିକ ସମ୍ପାଦକ ପ୍ରଣବ ପ୍ରକାଶ ଦାସଙ୍କୁ ଦାବିପତ୍ର ପ୍ରଦାନ କରାଯାଇଛି। ଉପଜିଲାପାଳ ବେହେରାଙ୍କୁ ତୁରନ୍ତ ବଦଳି କରାଯିବ ବୋଲି ପ୍ରଣବ ପ୍ରତିଶ୍ରୁତି ଦେଇଥିବା ସୂଚନା ମିଳିଛି। ସୂଚନାଯୋଗ୍ୟ, ଗତ ୪ ତାରିଖଠାରୁ କପ୍ତିପଦା ଉପ ଜିଲାପାଳଙ୍କ ବଦଳି ଦାବିରେ ଖବରଦାତାମାନେ ଆନ୍ଦୋଳନ ଚଳାଇଛନ୍ତି। ଏନେଇ ରାଜ୍ୟପାଳ, ମୁଖ୍ୟମନ୍ତ୍ରୀ, ୫-ଟି ସଚିବ ଓ ଜିଲାପାଳଙ୍କୁ ଦାବିପତ୍ର ପ୍ରଦାନ କରିବା ସହିତ ତୁରନ୍ତ ବଦଳି କରିବାକୁ ଦାବି କରିଆସୁଛନ୍ତି। ଗତ ୧୬ ତାରିଖରେ ଉପଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଧାରଣା ଦେବା ସହ ଆଗାମୀ ସାଧାରଣତନ୍ତ୍ର ଦିବସ ପୂର୍ବରୁ ତାଙ୍କର ବଦଳି ଦାବି କରିଛନ୍ତି। ଉପଖଣ୍ଡର ଖବରଦାତାମାନଙ୍କ ପ୍ରତି ଆକ୍ରୋଶ ମୂଳକ କାର୍ଯ୍ୟ ସହ ସରକାରୀ କାର୍ଯ୍ୟକ୍ରମରେ ସାମିଲ ନ କରିବା, ଏପରିକି ଜାତୀୟ ଦିବସ ପାଳନ ପ୍ରସ୍ତୁତି ବୈଠକକୁ ଉପ ଜିଲାପାଳ ନ ଡାକିବା ଆଦି ଅଭିଯୋଗ ହୋଇଛି। ଦାବିପତ୍ର ପ୍ରଦାନ ସମୟରେ ମୟୂରଭଞ୍ଜ ସାମ୍ବାଦିକ ସଂଘର ସଭାପତି ଅରୁଣ କୁମାର ଓତା, ହରିଶ୍ଚନ୍ଦ୍ର ନନ୍ଦ ଗୋସ୍ୱାମୀଙ୍କ ସମେତ କପ୍ତିପଦା ଉପଖଣ୍ଡ ସାମ୍ବାଦିକ ପରିବାରର କାର୍ଯ୍ୟରତ ସାମ୍ବାଦିକମାନେ ଉପସ୍ଥିତ ଥିଲେ।

# ଶିକ୍ଷାବିତ୍‌ଙ୍କୁ ଶ୍ରଦ୍ଧାଞ୍ଜଳି


ଶ୍ରଦ୍ଧାଞ୍ଜଳି ସଭାରେ ଏମ୍‌ପି ମଞ୍ଜୁଳତା ମଣ୍ଡଳ, ବିଧାୟକ ପ୍ରଫୁଲ୍ଲ ସାମଲ, ସଞ୍ଜୀବ ମଲ୍ଲିକ ଓ ଅନ୍ୟମାନେ।

ଭଦ୍ରକ ଅଫିସ, ୨୦।୧

ଭଦ୍ରକର ଶିକ୍ଷାବିତ୍ ସ୍ୱର୍ଗତ ମଧୁସୂଦନ ଜେନାଙ୍କ ୩୧ତମ ଶ୍ରଦ୍ଧାଞ୍ଜଳି ସଭା ଗୁରୁବାର ଫେଲୋଶିପ୍ ଗୃହରେ ଅନୁଷ୍ଠିତ ହୋଇଯାଇଛି। ଅଧିବକ୍ତା ନିରାକାର ଜେନା ଏଥିରେ ସଭାପତିତ୍ୱ କରିଥିଲେ। ଏମ୍‌ପି ମଞ୍ଜୁଳତା ମଣ୍ଡଳ, ବିଧାୟକ ପ୍ରଫୁଲ୍ଲ ସାମଲ, ସଞ୍ଜୀବ ମଲ୍ଲିକ, ପୂର୍ବତନ ବିଧାୟକ ମୁକ୍ତିକାନ୍ତ ମଣ୍ଡଳ, ତ୍ୟାଗଭୂମି ସାଂସ୍କୃତିକ ସମ୍ମେଳନ ସଭାପତି ଅଜୟ ନାୟକ, ପ୍ରାଧ୍ୟାପକ କମଳାକାନ୍ତ ସ୍ୱାଇଁ ପ୍ରମୁଖ ଯୋଗଦେଇ ସ୍ୱର୍ଗତ ଜେନାଙ୍କ ସ୍ମୃତିଚାରଣ କରିଥିଲେ। କମିଟି ସଭ୍ୟ ସୁଧାକର ରାଉତ ସଂଯୋଜନା କରିଥିବା ବେଳେ ଗ୍ରନ୍ଥକାର ଅଭୟ ଦ୍ୱିବେଦୀ ସ୍ୱାଗତ ଭାଷଣ ଦେଇଥିଲେ। ଅନୱାର ହୁସେନ, ହରେକୃଷ୍ଣ ସାହୁ, ରତନଲାଲ ସାହୁ, ଲଳାଟେନ୍ଦୁ ମହାନ୍ତି, ବସୁମିତ୍ର ସାହୁ, ଉଦୟ ମହାନ୍ତି, ଲକ୍ଷ୍ମଣ ମହାନ୍ତି, ସିଦ୍ଧେଶ୍ୱର ସାହୁ, କୈଳାସ ମହାପାତ୍ର, ବିଦ୍ୟାଧର ସାହୁ ପ୍ରମୁଖ ଉପସ୍ଥିତ ଥିଲେ। ଏହି ଅବସରରେ ଚଳିତବର୍ଷ ମାଟ୍ରିକ ପରୀକ୍ଷାରେ ଏନ୍‌ସି ହାଇସ୍କୁଲରେ ପ୍ରଥମ ହୋଇଥିବା ଛାତ୍ରୀ ସୁଶ୍ରୀ ଆଫ୍ରିନ କାଦରୀଙ୍କୁ ପୁରସ୍କୃତ କରାଯାଇଥିଲା। ଶେଷରେ ସାମାଜିକ କର୍ମୀ ମହମ୍ମଦ ଫାରୁକ ଧନ୍ୟବାଦ ପ୍ରଦାନ କରିଥିଲେ।

# ୯୮ ବର୍ଷରେ କପିଳ ମୁନି ମହୋତ୍ସବ

ପଦ୍ମପୁର,୨୦।୧(ଡି.ଏନ.ଏ.)


ଧ୍ୟାନମଗ୍ନ କପିଳ ମୁନିଙ୍କ ପ୍ରତିମୂର୍ତ୍ତି।

ଭଦ୍ରକ ଜିଲା ବାସୁଦେବପୁର ବ୍ଲକ୍ ବିଦେଇପୁର ପଞ୍ଚାୟତର କପିଳ ମୁନି ପଡ଼ିଆରେ ପାଳନ ହେଉଥିବା କପିଳମୁନି ମହୋତ୍ସବ ୯୮ ବର୍ଷରେ ପଦାର୍ପଣ କରିଛି। ଚଳିତ ବର୍ଷ ଗତ ୧୩ ତାରିଖରୁ ନବରାତ୍ର ନାମଯଜ୍ଞ ଆରମ୍ଭ ହୋଇ କଳସ ଶୋଭାଯାତ୍ରା, ଅଧିବାସ, ମଙ୍ଗଳ ଆଳତୀ, ଭାଗବତ ପାରାୟଣ ଓ ହରିହାଟ କାର୍ଯ୍ୟକ୍ରମ କରାଯାଉଛି। ୯ ଦିନ ଧରି ଚାଲିବାକୁ ଥିବା ନାମଯଜ୍ଞରେ କରଞ୍ଜଆଡ଼ିଆ, ନାୟକାଣିଡ଼ିହି, ରାଜଘରପୋଖରୀ, ଗୋବିନ୍ଦପୁର, ବାଲମେଦ, ବାଲିମୁଣ୍ଡା ଆଦି ଅଞ୍ଚଳରୁ ହଜାରରୁ ଊର୍ଦ୍ଧ୍ୱ ଶ୍ରଦ୍ଧାଳୁ ଯୋଗଦାନ କରି ପୂଜାର୍ଚ୍ଚନା କରିଥିଲେ। ନବରାତ୍ର କାର୍ଯ୍ୟକ୍ରମରେ ନବରାତ୍ର କମିଟି ସଭାପତି ଗଜେନ୍ଦ୍ର ଭୋଇ, ସମ୍ପାଦକ ଶରତ ଚନ୍ଦ୍ର ରାୟ, ଉପସଭାପତି ବସନ୍ତ ମହାନ୍ତି, ସହ ସମ୍ପାଦକ ନରହରି ମହାନ୍ତି ପ୍ରମୁଖ ପରିଚାଳନା କରୁଛନ୍ତି। ଲୋକକଥା ଅନୁଯାୟୀ କପିଳ ମୁନିଙ୍କର ସ୍ୱପ୍ନାଦେଶ କ୍ରମେ ଏହି ପୂଜା ମକର ସଂକ୍ରାନ୍ତୀ ଉପଲକ୍ଷେ ବିଧି କରାଯାଉଥିଲା। ପରେ ମହୋତ୍ସବରେ ପରିଣତ ହୋଇ ଏକ ମାସ ଧରି ପାଳିତ ହୋଇଆସୁଛି। ରାଜ୍ୟର ବହୁ କଳାକାରଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ଓ ଅପେରା ପରିବେଷଣ କରାଯିବ। ଘରକରଣା ସାମଗ୍ରୀ ସମେତ ୫ ଶହରୁ ଊର୍ଦ୍ଧ୍ୱ ଦୋକାନ ବସିଛି। ଶାନ୍ତିଶୃଙ୍ଖଳା ରକ୍ଷା ପାଇଁ କସିଆ ସାମୁଦ୍ରିକ ପୋଲିସ ଓ ନାୟକାଣିଡ଼ିହି ପୋଲିସ ନିୟୋଜିତ ରହିଛନ୍ତି। ସର୍ବଦଳୀୟ ମକର କମିଟି ସଭାପତି ପ୍ରଭାତ ରାୟ, ସମ୍ପାଦକ ଗୋପାଳ ଚନ୍ଦ୍ର ରାୟ, ସଭ୍ୟ ସୂର୍ଯ୍ୟକାନ୍ତ ମହାନ୍ତି, ବସନ୍ତ ମହାନ୍ତି, ଗଦାଧର ଦାସ, ପ୍ରଦୀପ ରାୟ, ଭାଗିରଥି ବାରିକ, ସଞ୍ଜୟ ମଲ୍ଲିକ ପ୍ରମୁଖ ସହଯୋଗ କରୁଛନ୍ତି।

# ୨ ହତ୍ୟାକାରୀଙ୍କୁ ଆଜୀବନ ଜେଲ

ବାରିପଦା ଅଫିସ,୨୦।୧

ମୟୂରଭଞ୍ଜ ଅତିରିକ୍ତ ଜିଲା ଓ ଦୌରା ଜଜ(୨) କୋର୍ଟରେ ଶୁକ୍ରବାର ଏକ ହତ୍ୟା ମାମଲାର ରାୟ ପ୍ରକାଶ ପାଇଛି। ଜଜ ଡ. ଦୀପକ ରଞ୍ଜନ ସାହୁ ଏହାର ବିଚାର କରି ୨ ଦୋଷୀଙ୍କୁ ଆଜୀବନ କାରାଦଣ୍ଡରେ ଦଣ୍ଡିତ କରିଛନ୍ତି। ଏଥି ସହିତ ୫ହଜାର ଟଙ୍କା ଲେଖାଏ ଜରିମାନା ଓ ଅନାଦାୟେ ଅଧିକ ୬ ମାସ ପ୍ରତ୍ୟେକ କାରାଦଣ୍ଡ ଭୋଗିବାକୁ ରାୟରେ ଉଲ୍ଲେଖ କରିଛନ୍ତି। ଅଭିଯୁକ୍ତ ଦ୍ୱୟ ହେଲେ ଚାନ୍ଦୁଆ ଥାନା ଅନ୍ତର୍ଗତ ମାଙ୍କଡ଼କେନ୍ଦା ଗ୍ରାମର ଶିବ ସିଂ ଏବଂ ଡୁଣା ସିଂ। ମାମଲାର ବିବରଣୀ ଅନୁଯାୟୀ, ଉକ୍ତ ଗ୍ରାମର ଦୁଇ ଭାଇ ସନୁ ସିଂ ଓ ଡୁଣା ସିଂ ୨୦୧୮ ଜୁନ୍ ୧୧ ତାରିଖ ସନ୍ଧ୍ୟାରେ ଏକାଠି ମଦ ପିଇବାକୁ ଯାଇଥିଲେ। ଏହି ସମୟରେ କୌଣସି କାରଣରୁ ଉଭୟଙ୍କ ମଧ୍ୟରେ ବଚସା ହେବାରୁ ଡୁଣା ସିଂ ଓ ତାଙ୍କ ସହଯୋଗୀ ଶିବ ସିଂ ମିଶି ସନୁଙ୍କ ଗଳାକାଟି ହତ୍ୟା କରିବା ପରେ ମୃତଦେହକୁ ବିଲରେ ଫିଙ୍ଗି ଦେଇଥିଲେ। ପରିବାର ଲୋକେ ବହୁ ଖୋଜାଖୋଜି କରି ପର ଦିନ ସକାଳୁ ବିଲରେ ରକ୍ତ ଜୁଡୁବୁଡୁ ଅବସ୍ଥାରେ ସନୁଙ୍କ ମୃତଦେହ ପଡ଼ିଥିବା ଦେଖିଥିଲେ। ଘଟଣା ବାବଦରେ ସନୁଙ୍କ ପୁଅ ମଙ୍ଗଳ ଚାନ୍ଦୁଆ ଥାନାରେ ଲିଖିତ ଅଭିଯୋଗ କରିଥିଲେ। ଏନେଇ ପୋଲିସ ଏକ ମାମଲା ରୁଜୁ କରି ଅଭିଯୁକ୍ତ ଶିବ ଏବଂ ଡୁଣାଙ୍କୁ ଗିରଫ କରି ପୋଲିସ କୋର୍ଟ ଚାଲାଣ କରିଥିଲା। ଅତିରିକ୍ତ ସରକାରୀ ଓକିଲ ବଟହରି ମହାକୁଡ଼ ମାମଲା ପରିଚାଳନା କରୁଥିଲେ।

**ପଞ୍ଚାୟତ ପ୍ରିମିୟର ଲିଗ୍ ଟି -୧୦ କ୍ରିକେଟ**

# ନଦିମ ରୟାଲକୁ ଟାଇଟଲ

ରୂପସା, ୨୦।୧(ଡି.ଏନ.ଏ.)

ବାଲେଶ୍ୱର ଜିଲା ରୂପ୍‌ସା ଥାନା ଗଡ଼ପଦା ପଞ୍ଚାୟତ ଅଧୀନ ଲଛମନଖୁଣ୍ଟା ବାବୁ ଭାଇଜାନ ଆସୋସିଏଶନ ଆନୁକୂଲ୍ୟରେ ଆୟୋଜିତ ତୃତୀୟ ବାର୍ଷିକ ପଞ୍ଚାୟତ ପ୍ରିମିୟର ଲିଗ୍ ଟି-୧୦ କ୍ରିକେଟ୍ ଟୁର୍ନାମେଣ୍ଟ ଉଦ୍‌ଯାପିତ ହୋଇଯାଇଛି। ଫାଇନାଲ ମ୍ୟାଚରେ କିଙ୍ଗସ ଇଲେଭେନ ଦଳକୁ ୧୬ରନରେ ପରାସ୍ତ କରି ନଦିମ ରୟାଲ ଦଳ ଚାମ୍ପିୟନ ହୋଇଛି। ପ୍ରଥମେ ନଦିମ ରୟାଲ ଦଳ ବ୍ୟାଟିଂ କରି ୭ ଉଇକେଟ ବିନିମୟରେ ୮୬ରନ ସଂଗ୍ରହ କରିଥିଲା। ଜବାବରେ କିଙ୍ଗସ ଇଲେଭେନ ଦଳ ୭୦ରନ କରି ପରାସ୍ତ ହୋଇଥିଲା। ଡାକସେବକ କମଳାକାନ୍ତ ସିଂଙ୍କ ପୌରୋହିତ୍ୟରେ ପୁରସ୍କାର ବିତରଣ ସଭା ଅନୁଷ୍ଠିତ ହୋଇଥିଲା। ମୁଖ୍ୟଅତିଥି ଭାବେ ଯୁବଉଦ୍ୟୋଗୀ ଅବଦୁଲ ସଲିମ ଖାଁ, ସମ୍ମାନିତ ଅତିଥି ପ୍ରେସ କ୍ଲବ ସଭାପତି ବାଞ୍ଛାନିଧି ଦେ, କ୍ରୀଡ଼ାବିତ୍ ମାନସ ମିଶ୍ର ଓ ଅବଦୁଲ ମୁଦାସୀର ପ୍ରମୁଖ ଯୋଗ ଦେଇଥିଲେ। ଅମ୍ପାୟର ରବିରାମ ସିଂ ଓ ଅମିତ ସିଂ ମ୍ୟାଚ ପରିଚାଳନା କରିଥିଲେ। ଏହି ଟୁର୍ନାମେଣ୍ଟକୁ ଶିଳ୍ପପତି ତଥା ବିଶିଷ୍ଟ ସାମାଜିକ କର୍ମୀ ଅବଦୁଲ ଅମିନ ଖାଁ ଉଦ୍‌ଘାଟନ କରିଥିଲେ। ତାରାକାନ୍ତ ସିଂ ଓ କ୍ରୀଷ୍ଣଗୋପାଳ ଦାସ ଧାରା ବିବରଣୀ ପ୍ରଦାନ କରିଥିଲେ। ଝଡ଼ିଆ ସିଂ, ବ୍ରଜ ସିଂ, ଚନ୍ଦ୍ରକାନ୍ତ ସିଂ ଓ ରାଜୁ ସିଂ, ଦିପୁ ସିଂ, ସେବାକର ସିଂ ପ୍ରମୁଖ ଟୁର୍ନାମେଣ୍ଟ ପରିଚାଳନା କରିଥିଲେ। ଉପଦେଷ୍ଟା ବିଜୟ ମହାନ୍ତ ଧନ୍ୟବାଦ ଅର୍ପଣ କରିଥିଲେ।


ଅତିଥିଙ୍କ ଗହଣରେ ଖେଳାଳିମାନେ।

# କୃତିତ୍ୱ ହାସଲ କଲେ ୧୦ଜିଲାର ଖେଳାଳି

**ଓଡ଼ିଶା ରାଜ୍ୟ ବିଦ୍ୟାଳୟ ସମୂହ କ୍ରୀଡ଼ା ପ୍ରତିଯୋଗିତା**

ସିମୁଳିଆ, ୨୦।୧(ଡି.ଏନ.ଏ.)

ବାଲେଶ୍ୱର ଜିଲା ସିମୁଳିଆ ବ୍ଲକର ରଘୁନାରାୟଣ ଉଚ୍ଚ ବିଦ୍ୟାଳୟ ପରିସରସ୍ଥ ବିଜୁ ପଟ୍ଟନାୟକ ମିନି ଷ୍ଟାଡ଼ିୟମରେ ଓଡ଼ିଶା ରାଜ୍ୟ ବିଦ୍ୟାଳୟ ସମୂହ ଦ୍ୱାରା ଗତ ରବିବାରଠାରୁ ଆରମ୍ଭ ହୋଇଥିବା ଖୋ-ଖୋ, ସଫ୍ଟବଲ ଓ ଟେନିକଏଟ ପ୍ରତିଯୋଗିତା ଗୁରୁବାର ସନ୍ଧ୍ୟାରେ ଉଦ୍‌ଯାପିତ ହୋଇଛି। ଏଥିରେ ୧୪ ଓ ୧୭ବର୍ଷ ବୟସରୁ କମ୍ ବାଳିକାବାଳକମାନେ ଅଂଶଗ୍ରହଣ କରିଥିଲେ।

ସୋମବାର ସନ୍ଧ୍ୟାରେ ଟେନିକଏଟ ପ୍ରତିଯୋଗିତା, ଗୁରୁବାର ସନ୍ଧ୍ୟାରେ ଖୋଖୋ, ସଫ୍ଟବଲ ପ୍ରତିଯୋଗିତା ଶେଷ ହୋଇଥିଲା। ଟେନିକଏଟରେ ସୁନ୍ଦରଗଡ଼, ବଲାଙ୍ଗୀର, ଯାଜପୁର, ଓ କଟକ ଜିଲା ଚାମ୍ପିୟନ ହୋଇଥିବା ବେଳେ ୧୪ବର୍ଷରୁ କମ୍ ଖୋ ଖୋ ପ୍ରତିଯୋଗିତାର ବାଳିକା ବିଭାଗରେ ଭୁବନେଶ୍ୱର ଟିମ୍ ଚାମ୍ପିୟନ ଓ କେନ୍ଦୁଝର ଟିମ୍ ରନର୍ସଅପ୍, ବାଳକ ବିଭାଗରେ ବଲାଙ୍ଗିର ଟିମ୍ ଚାମ୍ପିୟନ ସହ ପୁରୀ ଟିମ୍ ରନର୍ସଅପ ହୋଇଛନ୍ତି। ସେହିପରି ସଫ୍ଟବଲରେ ବାଳିକା ବିଭାଗରେ ବାଲେଶ୍ୱର ଓ ଖୋର୍ଦ୍ଧା, ବାଳକ ବିଭାଗରେ ବାଲେଶ୍ୱର ଓ ଖୋର୍ଦ୍ଧା ଟିମ୍ ଯଥାକ୍ରମେ ଚାମ୍ପିୟନ ଓ ରନର୍ସଅପ ରୂପେ ପୁରସ୍କୃତ ହୋଇଛନ୍ତି ।


ଅତିଥିମାନଙ୍କ ସହ କୃତୀ ଖେଳାଳି।

ଜିଲା ଶିକ୍ଷା ଅଧିକାରୀ ବିଷ୍ଣୁଚରଣ ସୂତାରଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଉଦ୍‌ଯାପନୀ ଉତ୍ସବରେ ସମ୍ମାନନୀୟ ଅତିଥି ରୂପେ ତହସିଲଦାର ବିଶ୍ୱନାଥ ବିଶ୍ୱାଳ, ଜିଲା କ୍ରୀଡ଼ା ଅଧିକାରୀ ପୂର୍ଣ୍ଣଚନ୍ଦ୍ର ଜେନା, ବିଇଓ ପ୍ରକାଶ କୁମାର ମହାଳିକ, ଅତିରିକ୍ତ ଜିଲା ଶିକ୍ଷା ଅଧିକାରୀ ଧରଣୀଧର ପାତ୍ର ଓ ଗଜେନ୍ଦ୍ର ପରିଡା ପ୍ରମୁଖ ଥିଲେ। ଖେଳାଳୀମାନଙ୍କୁ କପ୍ ଓ ମାନପତ୍ର ପ୍ରଦାନ କରାଯାଇଥିଲା। ମାଧ୍ୟମିକ ଶିକ୍ଷା ନିର୍ଦ୍ଦେଶାଳୟର ଶାରିରୀକ ଶିକ୍ଷା ଅଧିକାରୀ କୈଳାସ ଚନ୍ଦ୍ର ପ୍ରଧାନ ବିବରଣୀ ପାଠ ଓ ଜିଲା ଶିକ୍ଷା ଅଧିକାରୀ ଅତିଥି ପରିଚୟ ପ୍ରଦାନ କରିଥିଲେ। ବିଭିନ୍ନ ଅତିଥିଙ୍କୁ ସମ୍ମାନିତ କରାଯାଇଥିଲା। ଉଲ୍ଲେଖଯୋଗ୍ୟ, ରାଜ୍ୟସ୍ତରୀୟ କ୍ରୀଡ଼ାରେ ବ୍ୟାପକ ଅସୁବିଧା ସମ୍ପର୍କରେ ମଧ୍ୟାହ୍ନ ଓ ଉଦ୍‌ଯାପନୀ ଉତ୍ସବ ପରେ ଖବରଦାତା ସମ୍ମିଳନୀ ଅନୁଷ୍ଠିତ ହୋଇଥିଲା। ରାଜ୍ୟ ସରକାର ଅନ୍ୟାନ୍ୟ କ୍ଷେତ୍ରରେ କୋଟି କୋଟି ଟଙ୍କା ଅପବ୍ୟୟ କରୁଥିବା ବେଳେ କ୍ରୀଡ଼ା କ୍ଷେତ୍ରରେ ଛାତ୍ରୀଛାତ୍ରଙ୍କ ପାଇଁ ଉଦ୍ଦିଷ୍ଟ ଆବଶ୍ୟକତାଠାରୁ କମ୍ ସୁବିଧା ସୁଯୋଗ ଯୋଗାଇବା ଯୋଗୁ ଅସନ୍ତୋଷ ପ୍ରକାଶ ପାଇଥିଲା।

**ମହିଳା କୃଷକ ବଜାର ଉଦ୍‌ଘାଟିତ**

କେନ୍ଦୁଝର,(ସ୍ୱ.ପ୍ର.): କେନ୍ଦୁଝର ଜିଲାପାଳ ଆଶୀଷ୍ ଠାକ୍‌ରେ ଭଗାମୁଣ୍ଡା ସାପ୍ତାହିକ ବଜାର ନିକଟରେ ଏକ 'ମହିଳା କୃଷକ ବଜାର' ଉଦ୍‌ଘାଟନ କରିଛନ୍ତି। ବଜାରରେ ବିକ୍ରୟ କେନ୍ଦ୍ର, ସାର ଓ ମଞ୍ଜି ଘର, ସୌର ଚାଳିତ ଶୀତଳ ଭଣ୍ଡାର, ପରିବା ବଛା ଖଳା ନିର୍ମାଣ କରାଯାଇଛି। ଉଦ୍ୟାନ ଓ କୃଷି ବିଭାଗଙ୍କ ଆନୁଷଙ୍ଗିକ ସହାୟତାରେ ଏବଂ ଜିଲା ଖଣିଜ ପ୍ରତିଷ୍ଠାନଙ୍କ ଆର୍ଥିକ ସହାୟତାରେ ସମ୍ପୂର୍ଣ୍ଣ ହୋଇଛି। ଉତ୍ତମମାନର ପନିପରିବା ବିକ୍ରି ପାଇଁ ଅମଳ ପରବର୍ତ୍ତୀ ପ୍ରବନ୍ଧନକୁ ପ୍ରୋତ୍ସାହିତ କରିବା ନିମନ୍ତେ ହରିଚନ୍ଦନପୁରଠାରେ ଏଭଳି ଚାରିଟି କେନ୍ଦ୍ର ପ୍ରତିଷ୍ଠା ପାଇଁ ଯୋଜନା କରାଯାଇଥିବା ଜିଲା ପ୍ରଶାସନ ପକ୍ଷରୁ କୁହାଯାଇଛି।

## ଆଜି କ'ଣ କେଉଁଠି

କେନ୍ଦୁଝର

- ସରସ୍ୱତୀ ଶିଶୁମନ୍ଦିରର ସମ୍ଭାଗସ୍ତରୀୟ ଖେଳକୁଦ ପ୍ରତିଯୋଗିତା। ସ୍ଥାନ- ବଡ଼ବିଲ ବିକାଶ ମହଲ, ସମୟ-ପୂର୍ବାହ୍ନ ୯ ଘଟିକା
- କେନ୍ଦ୍ର ଆଦିବାସୀ କଲ୍ୟାଣ ମନ୍ତ୍ରୀ ଅର୍ଜୁନ ମୁଣ୍ଡାଙ୍କ ବୁଦ୍ଧିଜୀବୀ ସମ୍ମିଳନୀ। ସ୍ଥାନ: ପାଟଣା ମୁଖ୍ୟାଳୟ ଆନନ୍ଦେଶ୍ୱର କଲ୍ୟାଣ ମଣ୍ଡପ , ସମୟ- ପୂର୍ବାହ୍ନ ୧୦.୩୦ ଘଟିକା

# ଭୀମକୁଣ୍ଡରେ ୬୦ ହଜାରରୁ ଊର୍ଦ୍ଧ୍ୱ ଶ୍ରଦ୍ଧାଳୁ

## ସାନ୍ତାଳୀ ସମ୍ପ୍ରଦାୟର ଦାମୋଦର ମେଳା

**ପାଟଣା/ଠାକୁରମୁଣ୍ଡା,୨୦।୧ (ସ୍ୱ.ପ୍ର./ଡି.ଏନ.ଏ.):**

କେନ୍ଦୁଝର ଜିଲା ପାଟଣା ବ୍ଲକ୍ ଡୁମୁରିଆ ପଞ୍ଚାୟତ ବାଲିଯୋଡ଼ି ମୌଜାସ୍ଥିତ ପ୍ରାଚୀନ ପର୍ଯ୍ୟଟନସ୍ଥଳ ଭୀମକୁଣ୍ଡଠାରେ ସାନ୍ତାଳୀ ସମ୍ପ୍ରଦାୟର ଦାମୋଦର ମେଳା ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ କେନ୍ଦୁଝର ଜିଲା ପାଟଣା ତହସିଲ ଓ ମୟୂରଭଞ୍ଜ ଜିଲା ଠାକୁରମୁଣ୍ଡା ବ୍ଲକ୍ ଅଧୀନ ସ୍ୱତୀଘାଟରେ ୬୦ ହଜାରରୁ ଊର୍ଦ୍ଧ୍ୱ ସାନ୍ତାଳୀ ସମ୍ପ୍ରଦାୟ ଲୋକଙ୍କ ସମାଗମ ହୋଇଥିଲା। ମୟୂରଭଞ୍ଜ ସମେତ କେନ୍ଦୁଝର, ସୁନ୍ଦରଗଡ଼, ବାଲେଶ୍ୱର, ଭଦ୍ରକ, ପଡ଼ୋଶୀ ରାଜ୍ୟ ଝାଡ଼ଖଣ୍ଡ ଓ ପଶ୍ଚିମବଙ୍ଗର ଶ୍ରଦ୍ଧାଳୁ ଏଥିରେ ଯୋଗ ଦେଇଥିଲେ। ସମସ୍ତେ ସାମୁହିକ ମୁଣ୍ଡନ, ଅସ୍ଥି ବିସର୍ଜନ ସହ ବୁଡ଼ ପକାଇ ପିତୃ ପୁରୁଷଙ୍କୁ ପିଣ୍ଡ ଦେଇଥିଲେ। ଏଥି ସହ ନୂତନ ବସ୍ତ୍ର, ଛେଳି, କୁକୁଡ଼ା ଦାନ କରିଥିଲେ। ସାନ୍ତାଳୀ ନୃତ୍ୟ ଗୀତ ଓ ବାଦ୍ୟରେ ଭୀମକୁଣ୍ଡ ଉତ୍ସବ ମୁଖର ହୋଇଥିଲା। ବୈତରଣୀ ନଦୀ ଏଠାରେ ଦକ୍ଷିଣା ବର୍ତ୍ତ ହୋଇଥିବାରୁ ପିତୃ ପୁରୁଷଙ୍କୁ ପିଣ୍ଡ ପ୍ରଦାନ କଲେ ମୋକ୍ଷ ପ୍ରାପ୍ତି ହୋଇଥାଏ ବୋଲି କଥିତ ଅଛି। ସ୍ୱତୀଘାଟରେ ମହିଳା ଶିଶୁ ବିକାଶ ଓ ମିଶନ ଶକ୍ତି ମନ୍ତ୍ରୀ ବସନ୍ତୀ ହେମ୍ବ୍ରମ, ପୂର୍ବତନ ବିଧାୟକ ବିଜୟ କୁମାର ନାୟକ, ବ୍ଲକ ଅଧ୍ୟକ୍ଷା ସରୋଜିନୀ ମୁଣ୍ଡା ମେଳାରେ ଯୋଗ ଦେଇଥିଲେ। କମିଟିର ସଭାପତି ଦାଶରଥି ସୋରେନ, ସମ୍ପାଦକ ଭାଗିରଥି ଟୁଡୁ, ସହ ସମ୍ପାଦକ ବସନ୍ତ ସୋରେନ, କୋଷାଧ୍ୟକ୍ଷ ଅବିନାଶ ଟୁଡୁ, ସଞ୍ଜୟ କୁମାର ମାଝି, ଭୀମସେନ ଟୁଡୁ, ବଜ୍ରକିଶୋର ଟୁଡୁ, ବିଜୟ ଟୁଡୁ, ଲାଲମୋହନ ମାଝି ଓ ଅନ୍ୟ ସଦସ୍ୟମାନେ ଉପସ୍ଥିତ ରହି ଅସ୍ଥି ବିସର୍ଜନ କାର୍ଯ୍ୟକ୍ରମରେ ସହଯୋଗ କରିଥିଲେ।



ସାନ୍ତାଳୀ ସମ୍ପ୍ରଦାୟର ଲୋକେ ବୁଡ଼ ପକାଉଛନ୍ତି।

## କରଞ୍ଜିଆରେ କେନ୍ଦ୍ରମନ୍ତ୍ରୀ ଅର୍ଜୁନ ମୁଣ୍ଡା

କରଞ୍ଜିଆ,୨୦।୧- କେନ୍ଦ୍ର ଆଦିବାସୀ ବ୍ୟାପାର ମନ୍ତ୍ରୀ ଅର୍ଜୁନ ମୁଣ୍ଡା ୨ଦିନିଆ କରଞ୍ଜିଆ ଗସ୍ତରେ ଆସିଛନ୍ତି। କରଞ୍ଜିଆ, ଝୁଟିଂ, କଳାକାଦଠାରେ ବିଭିନ୍ନ କାର୍ଯ୍ୟକ୍ରମରେ ଯୋଗ ଦେବସହିତ ସରକାରୀ ଯୋଜନାର ସମୀକ୍ଷା କରିଛନ୍ତି। ପ୍ରଥମେ ସେ କିଚକେଶ୍ୱରୀ ମନ୍ଦିର ଦର୍ଶନ କରି କରଞ୍ଜିଆ ପୂର୍ତ୍ତ ବିଭାଗ ଡାକବଙ୍ଗଳାରେ ଆୟୋଜିତ ଦଳୀୟ କାର୍ଯ୍ୟକ୍ରମ ଓ ପରେ କଳାକାଦ ସ୍ଥିତ ପଲିଟେକ୍‌ନିକ ବୈଷୟିକ କଲେଜ କାର୍ଯ୍ୟକ୍ରମରେ ଯୋଗ ଦେଇଥିଲେ। ଅପରାହ୍ନ ୫ଟାରେ ସାଇ ସାଗର କନଭେନସରେ ଏକ ଖବରଦାତା ସମ୍ମିଳନୀରେ ଯୋଗଦେଇ ବିଭିନ୍ନ ସରକାରୀ ଯୋଜନାର ଅଗ୍ରଗତି ସମ୍ପର୍କରେ ସୂଚନା ଦେଇଥିଲେ। ଏଥିରେ ଯଶିପୁର ବିଧାୟକ ଗଣେଶ ରାମସିଂ ଖୁଣ୍ଟିଆ, କୃପାସିନ୍ଧୁ ମହାନ୍ତ, ନବକିଶୋର ପଣ୍ଡା, ବାଞ୍ଛାନିଧି ପୃଷ୍ଟି, ମୋହନ ମାଝୀ, ରାଇରଙ୍ଗପୁର ବିଧାୟକ ନବ ଚରଣ ମାଝି, ପୂର୍ବତନ ବିଧାୟକ ପଦ୍ମଚରଣ ହାଇବ୍ରୁ, ନଗର ସଭାପତି ମହେଶ୍ୱର ସାହା, ସଞ୍ଜୀବ ମହାନ୍ତି ପ୍ରମୁଖ ଉପସ୍ଥିତ ଥିଲେ।

## ପାରିବାରିକ ବିବାଦରୁ ଭାଇବୋହୂଙ୍କୁ ମାଡ଼

### ଥାନାରେ ସୁରକ୍ଷା ଲୋଡ଼ିଲେ ପରିବାର ଲୋକେ

ହାଟଡିହୀ,୨୦।୧(ଡି.ଏନ.ଏ.): କେନ୍ଦୁଝର ଜିଲା ନନ୍ଦିପଦା ଥାନା ଜଳସରପୁର ଗ୍ରାମର ଏକ ପରିବାର ନିଜକୁ ଅସୁରକ୍ଷିତ ମଣି ଥାନାରେ ସୁରକ୍ଷା ଲୋଡ଼ିଛନ୍ତି। ପୂର୍ବରୁ ପାରିବାରିକ ବିବାଦ ଲାଗି ରହିଥିବା ବେଳେ ଶୁକ୍ରବାର ଦେଢ଼ଶୁର ତାଙ୍କ ଭାଇଙ୍କ ସ୍ତ୍ରୀଙ୍କୁ ମାଡ଼ ମାରିଥିଲେ। ପୂର୍ବରୁ ମଧ ଆକ୍ରମଣ ହୋଇଥିବାରୁ ପରିବାର ଅସୁରକ୍ଷିତ ମଣି ଥାନାର ଦ୍ୱାରସ୍ଥ ହୋଇଛି।

ଅଭିଯୋଗ ଅନୁଯାୟୀ, ଗ୍ରାମର ପ୍ରଫୁଲ୍ଲ ଜେନାଙ୍କ ପତ୍ନୀ କାନ୍ତିଲତା ଘର ନିକଟରେ ଫୁଲ ତୋଳୁଥିଲେ। ପୂର୍ବ ବିବାଦକୁ କେନ୍ଦ୍ର କରି ଘରେ କେହି ନ ଥିବାର ସୁଯୋଗ ନେଇ ଦେଢ଼ଶୁର କାହ୍ନୁ ତାଙ୍କୁ ମାଡ଼ ମାରିଥିଲେ। ସେ ଗୁରୁତର ହୋଇପଡ଼ିଥିବା ବେଳେ ତାଙ୍କୁ ଶାଳନିଆ ମେଡିକାଲରେ ଭର୍ତ୍ତି କରାଯାଇଥିଲା। ଏ ବାବଦରେ ପ୍ରଫୁଲ୍ଲଙ୍କ ଝିଅ ଚମ୍ପାବତୀ ଥାନାରେ ଅଭିଯୋଗ କରି ନ୍ୟାୟ ଭିକ୍ଷା କରିବା ସହ ସୁରକ୍ଷା ଦାବି କରିଛନ୍ତି। ନଚେତ୍ ପରିବାର ସହ ଗାଁ ଛାଡ଼ିବାକୁ ଅଭିଯୋଗରେ ଉଲ୍ଲେଖ କରିଛନ୍ତି। ସୂଚନା ଥାଉକି, ପ୍ରଫୁଲ୍ଲ ଜେନା, କାହ୍ନୁ ଜେନାଙ୍କ ମଧ୍ୟରେ ଜମିଜମା ବିବାଦରୁ ପୂର୍ବରୁ ଗଣ୍ଡଗୋଳ ହୋଇଥିଲା। ପ୍ରଫୁଲ୍ଲଙ୍କ ଝିଅ ଚମ୍ପାବତୀଙ୍କ ଅଭିଯୋଗ କ୍ରମେ ପୋଲିସ ପୂର୍ବରୁ ଦୁଇଟି ମାମଲା ରୁଜୁ କରିଥିଲା। ଏଥିସହ ଚମ୍ପାବତୀ ଆନନ୍ଦପୁର ଉପଜିଲାପାଳଙ୍କ ଅଫିସ ସମ୍ମୁଖରେ ଅନଶନ କରିବା ପରେ ପରିବାରକୁ ସୁରକ୍ଷା ମଧ ଦିଆଯାଇଥିଲା।

# ତାଲା ପକାଇ ଧାରଣା ଦେଲେ ଛାତ୍ରୀଛାତ୍ର, ଅଭିଭାବକ

## ସହକାରୀ ଶିକ୍ଷକଙ୍କୁ ମାଡ଼ର ପ୍ରତିବାଦ

**ଔପଦା, ୨୦।୧**

ବାଲେଶ୍ୱର ଜିଲା ଔପଦା ବ୍ଲକ ରାଇରାମଚନ୍ଦ୍ରପୁର ପଞ୍ଚାୟତ କେତକୀଝୁରି ପ୍ରାଥମିକ ସ୍କୁଲର ସହକାରୀ ଶିକ୍ଷକ ପ୍ରଦୀପ ବଙ୍ଗାଲଙ୍କୁ ମାଡ଼ ମାରିବା ପ୍ରତିବାଦରେ ଗ୍ରାମବାସୀ, ଅଭିଭାବକ ଓ ଛାତ୍ରୀଛାତ୍ର ଗେଟରେ ତାଲା ପକାଇ ଧାରଣାରେ ବସିରହିଥିଲେ। ଆସନ୍ତା ଜାନୁୟାରୀ ୨୬ ତାରିଖ ସାଧାରଣତନ୍ତ୍ର ଦିବସରେ ସ୍କୁଲର ପିଲାମାନେ ଖେଳରେ ଭାଗନେବାକୁ କେନ୍ଦ୍ର କରି ମହିଷାଡ଼ାଳି ଗ୍ରାମର ଅଧିକାରୀ ପରିଡ଼ା ଶିକ୍ଷକ ବଙ୍ଗାଲଙ୍କୁ ତାଙ୍କ ଝିଅ କଣ ପାଇଁ ଖେଳରେ ଭାଗ ନ ନେବ କହି ଗତ ୧୮ ତାରିଖ ଅପରାହ୍ନରେ ଶିକ୍ଷକଙ୍କୁ ମାଡ଼ ମାରିଥିବା ଥାନାରେ ଅଭିଯୋଗ ହୋଇଛି। ପଞ୍ଚାୟତର କେତକୀଝୁରି ପ୍ରାଥମିକ ସ୍କୁଲର ୫ଟି ଶ୍ରେଣୀରେ ୧୦୧ ଜଣ ପିଲା ପାଠ ପଢୁଥିବା ବେଳେ ୫ଜଣ ଶିକ୍ଷୟିତ୍ରୀଶିକ୍ଷକ ନିଯୁକ୍ତ ଅଛନ୍ତି। ପ୍ରତିବର୍ଷ ପରି ଜାନୁଆରୀ ୨୬ରେ ପଞ୍ଚାୟତସ୍ତରୀୟ ଖେଳ ପ୍ରତିଯୋଗିତା ହେବ। ପ୍ରତିଯୋଗିତାରେ ଏହି ସ୍କୁଲର ପିଲାମାନେ ଭାଗ ନେବାକୁ ଥିବାବେଳେ ୫ମ ଶ୍ରେଣୀରେ ପାଠ ପଢୁଥିବା ପରିଡାଙ୍କ ଝିଅ ତିନୋଟି ବିଭାଗରେ ଭାଗ ନେଇଥିବାରୁ ଗୋଟିଏ ଖେଳରୁ ବାଦ୍ ପଡ଼ିଥିବା ଶିକ୍ଷକ ଓ ଧାରଣାକାରୀଙ୍କଠାରୁ ଜଣାଯାଇଛି। ସ୍କୁଲ ପିଲାମାନେ ଖେଳର ଅଭ୍ୟାସ କରିବା ପାଇଁ ୧୮ ତାରିଖ ସ୍ଥାନୀୟ ପଡ଼ିଆକୁ ଶିକ୍ଷକଙ୍କ ସହିତ ଯାଇଥିଲେ। ପିଲାମାନଙ୍କ ସହିତ ଶିକ୍ଷକ ପ୍ରଦୀପ ବଙ୍ଗାଳ ଯାଇଥିବା ବେଳେ ପରିଡ଼ା ତାଙ୍କ ଝିଅ ଅନ୍ୟ ଖେଳରୁ ବାଦ୍ ପଡ଼ିଥିବା ଜାଣି ସ୍କୁଲକୁ ଯାଇ ଗେଟ୍ ସମ୍ମୁଖରେ ଶିକ୍ଷକଙ୍କୁ ଗାଳି ଦେବା ସହ ମାଡ଼ ମାରିଥିବା ଅଭିଯୋଗରେ ଦର୍ଶାଯାଇଛି। ଶୁକ୍ରବାର ସ୍କୁଲ ଖୋଲିବା ପୂର୍ବରୁ ଗ୍ରାମବାସୀ, ଅଭିଭାବକ ଓ ଛାତ୍ରୀଛାତ୍ର ଗେଟ୍‌ରେ ତାଲା ପକାଇ ଧାରଣାରେ ବସିଥିଲେ। ଧାରଣାକାରୀମାନେ ଶିକ୍ଷକଙ୍କୁ ମାଡ଼ ମାରିଥିବା ବ୍ୟକ୍ତିଙ୍କ ବିରୋଧରେ ଉଚିତ୍ କାର୍ଯ୍ୟାନୁଷ୍ଠାନ ଦାବି କରିଥିଲେ। ଔପଦା ପୋଲିସ ଘଟଣାସ୍ଥଳରେ ପହଞ୍ଚିଥିବା ବେଳେ ଜିଲା ଶିକ୍ଷାଧିକାରୀ ବିଷ୍ଣୁଚରଣ ସୂତାରଙ୍କ ନିର୍ଦ୍ଦେଶରେ ସ୍ଥାନୀୟ ଶିକ୍ଷାବିଭାଗ ଅଧିକାରୀ ଅପରାହ୍ନ ୩ଟାରେ ସ୍କୁଲରେ ପହଞ୍ଚିଥିଲେ। ଏହାର କୌଣସି ସମାଧାନ ହୋଇପାରି ନ ଥିବା ଜଣାଯାଇଛି। ସ୍କୁଲ ପ୍ରଧାନଶିକ୍ଷକ ତ୍ରିବିକ୍ରମ ଦାସ କହିଛନ୍ତି ସହକାରୀ ଶିକ୍ଷକଙ୍କୁ ମାଡ଼ ହେବା ସମ୍ପର୍କରେ ଜାଣିଛି, ଏ ସମ୍ପର୍କରେ ଉପରିସ୍ଥ ଅଧିକାରୀଙ୍କୁ ଜଣାଇଛି।



ସ୍କୁଲ ଗେଟ୍ ସମ୍ମୁଖରେ ଧାରଣା।

# ବିଆଇଟି ପଲିଟେକ୍‌ନିକର ବାର୍ଷିକ ଉତ୍ସବ




ବାର୍ଷିକ ଉତ୍ସବ ଓ ସାଂସ୍କୃତିକ କାର୍ଯ୍ୟକ୍ରମରେ ମଞ୍ଚାସୀନ ଅତିଥିଗଣ।

**ବାଲେଶ୍ୱର ଅଫିସ, ୨୦।୧**

ବାଲେଶ୍ୱର ସୋମନାଥପୁରସ୍ଥିତ ବିଆଇଟି ପଲିଟେକ୍‌ନିକ୍‌ର ବାର୍ଷିକ ଉତ୍ସବ ଶୁକ୍ରବାର ଅନୁଷ୍ଠିତ ହୋଇଛି। ଅନୁଷ୍ଠାନ ପ୍ରତିଷ୍ଠାତା ଇଂ. ଧରଣୀଧର ମିଶ୍ର ସଭାପତିତ୍ୱ କରିଥିଲେ। ମୁଖ୍ୟଅତିଥି ଭାବେ ହରି ଗ୍ରୁପ୍ ଅଫ୍ କମ୍ପାନୀର ମ୍ୟାନେଜିଂ ଡାଇରେକ୍ଟର ତଥା ବାଲେଶ୍ୱର ଚାମ୍ବର ଅଫ୍ କମର୍ସର ସଭାପତି ଇଂ. ସଞ୍ଜୟ କୁମାର ଦାସ, ମୁଖ୍ୟବକ୍ତା ଭାବେ ସରକାରୀ ଆଇଟିଆଇର ଅଧ୍ୟକ୍ଷ ଇଂ. କୃଷ୍ଣଚନ୍ଦ୍ର ରାଉତ ଯୋଗଦେଇଥିଲେ। ଅନୁଷ୍ଠାନ ଯୁବ ସମ୍ପାଦକ ଇଂ. ଶ୍ୟାମସୁନ୍ଦର ମିଶ୍ର ବାର୍ଷିକ ବିବରଣୀ ପାଠ କରିଥିଲେ। ବାର୍ଷିକ ଉତ୍ସବର ପ୍ରାରମ୍ଭିକ ସୂଚନା ନାରାୟଣ ବେହେରା ପ୍ରଦାନ କରିଥିଲେ। ଏହି ଅବସରରେ ଅନୁଷ୍ଠାନର ପୂର୍ବତନ ଅଧ୍ୟକ୍ଷ ପୂର୍ଣ୍ଣଚନ୍ଦ୍ର ଦଳେଇ ଓ ବିସିଆଇସିର ମୁଖ୍ୟ ଇଂ. ଭରତ ଚନ୍ଦ୍ର ସ୍ୱାଇଁଙ୍କୁ ଉପଢ଼ୌକନ ଓ ମାନପତ୍ର ପ୍ରଦାନ କରାଯାଇଥିଲା। ଅନୁଷ୍ଠାନ ପ୍ରିନ୍ସପାଲ ଇଂ. ପ୍ରାଣକୃଷ୍ଣ ପାଣି, ଭାଇସ୍-ପ୍ରିନ୍ସପାଲ ଏକାଡ଼େମୀକ ଇଂ. ସସ୍ମିତା ମିଶ୍ର, ଭାଇସ୍-ପ୍ରିନ୍ସପାଲ ଆଡ଼ମିନିଷ୍ଟ୍ରେଟିଭ୍ ସତ୍ୟନାରାୟଣ ମହାନ୍ତି, ଇଂ. ସଂଗ୍ରାମ ଦାସ, ଇଂ. ଜଗଜ୍ୟୋତି ସାହୁ, ଇଂ. ଚିତ୍ତରଞ୍ଜନ ବେହେରା ପ୍ରମୁଖ କାର୍ଯ୍ୟକ୍ରମରେ ସହଯୋଗ କରିଥିଲେ।

# ସରିଲା ମକର ମେଳା



ବୈଶିଙ୍ଗାର ଡୁଡୁସାହିଠାରେ କୃତୀ ପ୍ରତିଯୋଗୀଙ୍କୁ ପୁରସ୍କୃତ କରାଯାଉଛି।

**ଗୋପବନ୍ଧୁ ନଗର/ବୈଶିଙ୍ଗା,୨୦।୧(ଡି.ଏନ.ଏ.)**

ମୟୂରଭଞ୍ଜ ଜିଲା ଗୋପବନ୍ଧୁ ନଗର ବ୍ଲକ ପୁରୁଣା ବାରିପଦା ପଞ୍ଚାୟତ ଅନ୍ତର୍ଗତ ଖଡିକାପଦା ଆଖଣ୍ଡଳମଣି ପୀଠରେ ଅନୁଷ୍ଠିତ ମକର ମେଳା ଉଦ୍‌ଯାପିତ ହୋଇଯାଇଛି। ପୂଜକ ରଶ୍ମି ରଞ୍ଜନ ହୋତା ଓ ଦିବ୍ୟ ସାଗର ମହାପାତ୍ରଙ୍କ ତତ୍ତ୍ୱାବଧାନରେ ରୁଦ୍ରାଭିଷେକ, ରୁଦ୍ର ଚଣ୍ଡିପାଠ, ହୋମ ଯଜ୍ଞ ପ୍ରଭୃତି ୫ଦିନ ଧରି ଚାଲିଥିଲା। କାର୍ଯ୍ୟକ୍ରମକୁ ବୁଧିଆ ଦଣ୍ଡପାଟ, ବିଦେଶୀ ଚୌଧୁରୀ, ଶକୁନ୍ତଳା ମୁଖୀ, ଭାମା ମଳିକ, ଭାବ ମଳିକଙ୍କ ସମେତ ସ୍ୱୟଂ ସହାୟକ ଗୋଷ୍ଠୀର ମହିଳାମାନେ ପରିଚାଳନା କରିଥିଲେ। ସେହିପରି ପଟୁଆ ଓ ସିକିଡିଆଠାରେ ମଧ କମିଟି ପକ୍ଷରୁ ମକର ମେଳା ଅନୁଷ୍ଠିତ ହୋଇଯାଇଛି। ପଟୁଆଠାରେ ଭଜନ ସମାରୋହ ଓ ସିକିଡିଆଠାରେ ଯାତ୍ରା ପରିବେଷଣ ହୋଇଥିଲା। ବୈଶିଙ୍ଗା ଥାନା ଅଧୀନ ବଣଦାମଦରପୁର ନିକଟସ୍ଥ ଡୁଡୁସାହିଠାରେ ୨୮ତମ ମକର ପର୍ବ ପାଳିତ ହୋଇଯାଇଛି। ଏହି ଉପଲକ୍ଷେ ୩ଦିନ ଧରି ଫୁଟବଲ ମ୍ୟାଚ ଓ ସାଂସ୍କୃତିକ କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା। ଫାଇନାଲ ମ୍ୟାଚରେ କାକରାପାଳ ଟିମ୍ ଚାମ୍ପିୟନ ହୋଇଥିବା ବେଳେ ଦିଗିନୂଆସାହି ଟିମ ରନର୍ସଅପ ହୋଇଥିଲା। ମୁଖ୍ୟ ଅତିଥି ଭାବେ ଭାଜପା ଜିଲା ସଭାପତି କାନ୍ଦରା ସୋରେନ, ମୁଖ୍ୟବକ୍ତା ବଡ଼ସାହି ବିଧାୟକ ସନାତନ ବିଜୁଳି, ସମ୍ମାନିତ ଅତିଥି ଭାବେ ଓବିସି ମୋର୍ଚ୍ଚା ଜିଲା ସଭାପତି ବ୍ରଜମୋହନ ବେହେରା, ଚନ୍ଦ୍ରହାସ୍ୟ ପାଣିଗ୍ରାହୀ, ବୈଶିଙ୍ଗା ମଣ୍ଡଳ ଯୁବମୋର୍ଚ୍ଚା ସଭାପତି ଉତ୍ସର୍ଗ ବେହେରା, ସର୍ବେଶ୍ୱର ନାୟକ, ରତିକାନ୍ତ ମହାନ୍ତ, କେନ୍ଦୁଆ ପଞ୍ଚାୟତ ସରପଞ୍ଚ ମନମୋହନ ମାଝି ଉପସ୍ଥିତ ରହି କୃତୀ ପ୍ରତିଯୋଗୀମାନଙ୍କୁ ମାନପତ୍ର ଓ ପୁରସ୍କାର ବିତରଣ କରିଥିଲେ। ପ୍ରଶାନ୍ତ ସାମଲ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

## ଓଁ ସାଇ ମକର ମେଳା

**ନୀଳଗିରି, ୨୦।୧(ସ୍ୱ.ପ୍ର.)**

ବାଲେଶ୍ୱର ଜିଲା ନୀଳଗିରି ବ୍ଲକ କାଂଶ ପଞ୍ଚାୟତ କାଠପାଳରେ ୪ର୍ଥତମ 'ଓଁ ସାଇ ମକର ମେଳା' ଧୁମ୍‌ଧାମ୍‌ରେ ଚାଲିଛି। ଏହି ମକର ମେଳା ଗତ ୧୮ ତାରିଖରୁ ଆରମ୍ଭ ହୋଇଥିବା ବେଳେ ୮ଦିନ ଧରି ଚାଲିବ। ଗୁରୁବାର ଦ୍ୱିତୀୟ ସନ୍ଧ୍ୟାରେ ଶରତ ଚନ୍ଦ୍ର ତରାଇ ସଭାପତିତ୍ୱ କରିଥିବା ବେଳେ ବିଶ୍ୱଜିତ ପଣ୍ଡା ସଂଯୋଜନା କରିଥିଲେ। ମୁଖ୍ୟଅତିଥି ଭାବେ ବିଜୁ ଯୁବ ଜନତା ଦଳର ରାଜ୍ୟ କାର୍ଯ୍ୟକାରୀ ସଭାପତି ଶୁଭେନ୍ଦୁ ଦାସ ମଙ୍ଗରାଜ, ମୁଖ୍ୟବକ୍ତା ଭାବେ ବାଲେଶ୍ୱର ଏମ୍‌ପିଙ୍କ ବ୍ୟକ୍ତିଗତ ସହାୟକ ଚନ୍ଦ୍ରବିନ୍ଦୁ ଦାସ, ସମ୍ମାନିତ ଅତିଥି ରୂପେ କଂଗ୍ରେସ ବ୍ଲକ ସଭାପତି ମନୋରଞ୍ଜନ ପଣ୍ଡା, ବିଜୟ ଖିଲାର ପ୍ରମୁଖ ଉପସ୍ଥିତ ରହି ବକ୍ତବ୍ୟ ଦେଇଥିଲେ। କମିଟି ସଦସ୍ୟ ବିରଞ୍ଚି ତରେଇ ଧନ୍ୟବାଦ ଅର୍ପଣ କରିଥିଲେ। କାର୍ଯ୍ୟକ୍ରମକୁ ଧୀରେନ୍ଦ୍ର ମହାପାତ୍ର, ରବିନାରାୟଣ ବେହେରା, ବାବୁଲି ଦଣ୍ଡପାଟ, ରାଜୁ ଦଣ୍ଡପାଟ, ମୂରଲି ଚୌଧୁରୀ ପ୍ରମୁଖ ସଦସ୍ୟମାନେ ଉପସ୍ଥିତ ରହି ସହଯୋଗ କରିଥିଲେ।

## 'ସ୍ୱପ୍ନ ଦେଖିଲେ ଲକ୍ଷ୍ୟସ୍ଥଳରେ ପହଞ୍ଚି ହେବ'

**ଆରଡ଼ି,୨୦।୧( ଡି.ଏନ.ଏ.)**

ଭଦ୍ରକ ଜିଲା ଧାମନଗର ବ୍ଲକ ପାଳସାହିଠାରେ ଥିବା ଆଖଣ୍ଡଳମଣି ମାଧ୍ୟମିକ ବିଦ୍ୟାଳୟର ବାର୍ଷିକୋତ୍ସବ ଶୁକ୍ରବାର ଅନୁଷ୍ଠିତ ହୋଇଯାଇଛି। ଭଦ୍ରକ ସ୍ୱୟଂଶାସିତ ମହାବିଦ୍ୟାଳୟର ଅବସରପ୍ରାପ୍ତ ଅଧ୍ୟକ୍ଷ ଡା.ରାମଚନ୍ଦ୍ର ପଣ୍ଡା ଉଦ୍‌ଘାଟନ କରିଥିଲେ। ଅଧ୍ୟକ୍ଷ ଦିଲ୍ଲୀପ କୁମାର ମହାନ୍ତିଙ୍କ ପୌରୋହିତ୍ୟ ଓ ଅଧ୍ୟାପକ ନିହାର ରଞ୍ଜନ କରଙ୍କ ସଂଯୋଜନାରେ ଅନୁଷ୍ଠିତ ସଭାରେ ୪୮୮ ବର୍ଗ ଶିକ୍ଷକ ଓ କର୍ମଚାରୀ ସଂଘ ସଭାପତି ଅଧ୍ୟାପକ ପବିତ୍ର କୁମାର ମହଲା ମୁଖ୍ୟଅତିଥି, ସଂଘର ସାଧାରଣ ସମ୍ପାଦକ ଅଧ୍ୟାପକ ଅଟଳ ବିହାରୀ ବଳ ମୁଖ୍ୟବକ୍ତା ଭାବେ ଯୋଗଦେଇ ଛାତ୍ରୀଛାତ୍ରମାନେ ସ୍ୱପ୍ନକୁ ସାକାର ଲାଗି ଲକ୍ଷ୍ୟସ୍ଥଳରେ ପହଞ୍ଚିବା ପାଇଁ ଚେଷ୍ଟା କରିବା ଉଚିତ୍ ବୋଲି କହିଥିଲେ। ଅବସରପ୍ରାପ୍ତ ଅଧ୍ୟକ୍ଷ ଜୟନ୍ତ ଗୋସ୍ୱାମୀ, ରାଜେନ୍ଦ୍ର ପଣ୍ଡା, ଅବସରପ୍ରାପ୍ତ ଅଧ୍ୟାପକ ବିଜୟ ପରିଡ଼ା, ପଦ୍ମଲୋଚନ ପଣ୍ଡା, ତୀର୍ଥବାସୀ ଦାସ, ବାବାମଣି ଡିଗ୍ରୀ କଲେଜ ଅଧ୍ୟକ୍ଷ ସନ୍ତୋଷ ସାହୁ, ଆଇନଜୀବୀ ରମେଶ ବେହେରା, ଶିକ୍ଷାବିତ ଦୀପ୍ତି ରଞ୍ଜନ ନାୟକ, ଖବରଦାତା ସନ୍ତୋଷ ଦାସ, ବାପୁଜୀ କ୍ଲଷ୍ଟର ସିଆରସିସି ପ୍ରଦୀପ ଦାଶ ପ୍ରମୁଖ ସମ୍ମାନୀତ ଅତିଥି ଭାବେ ଯୋଗ ଦେଇଥିଲେ। ଅଧ୍ୟାପକ ଅମରେନ୍ଦ୍ର ପଣ୍ଡା ଧନ୍ୟବାଦ ଅର୍ପଣ କରିଥିଲେ।

## ୨୩ରେ ସୀମାନ୍ତରେ ଅନୁକୂଳଚନ୍ଦ୍ରଙ୍କ ବାର୍ଷିକ ସମାରୋହ

**ଜଳେଶ୍ୱର, ୨୦।୧(ଡି.ଏନ.ଏ.)**

ପଶ୍ଚିମବଙ୍ଗ ଓ ଓଡିଶା ସୀମା ଜଳେଶ୍ୱରର ସତ୍‌ସଙ୍ଗ ବିହାରରେ ଅନୁକୂଳଚନ୍ଦ୍ରଙ୍କର ୧୩୫ ତମ ଆବିର୍ଭାବ ତଥା ଶ୍ରୀ ବିଗ୍ରହ ପ୍ରତିଷ୍ଠାର ଚତୁର୍ଦ୍ଦଶ ବାର୍ଷିକ ସ୍ମାରକୀ ଅନୁଷ୍ଠିତ ହେବ ବୋଲି ଶୁକ୍ରବାର ଏକ ଖବରଦାତା ସମ୍ମିଳନୀରେ ସୂଚନା ଦିଆଯାଇଛି। ଜଳେଶ୍ୱରସ୍ଥିତ ସତ୍‌ସଙ୍ଗ ବିହାରରେ ଆସନ୍ତା ୨୩ତାରିଖରେ ଏହି ଉତ୍ସବ ହେବ ବୋଲି ନିଷ୍ପତ୍ତି ହୋଇଛି । ପଶ୍ଚିମବଙ୍ଗରୁ ଓଡିଶାକୁ ଶ୍ରୀ ଅନୁକୂଳଚନ୍ଦ୍ର ପ୍ରଥମେ ଉକ୍ତ ଦିବସରେ ଆଗମନ କରିଥିବାରୁ ଏହାର ସ୍ମାରକୀ ତଥା ଜଳେଶ୍ୱରରେ ମନ୍ଦିର ପ୍ରତିଷ୍ଠାର ୧୪ତମ ବାର୍ଷିକ ଉତ୍ସବ ହେବାର ସ୍ଥିର ହୋଇଥିବା ମନ୍ଦିର ଦାୟିତ୍ୱରେ ଥିବା ଅଧ୍ୟାପକ କେଦାର ନାଥ ମହାନ୍ତି କହିଛନ୍ତି।

# ସମ୍ବଲପୁରୀ, ଓଡ଼ିଶୀ ନୃତ୍ୟରେ ଝୁମିଲେ ଦର୍ଶକ

## ଯୋଡ଼ା ମହୋତ୍ସବ ଆରମ୍ଭ

**ଯୋଡ଼ା,୨୦।୧(ଡି.ଏନ.ଏ)**

କେନ୍ଦୁଝର ଜିଲା ଯୋଡ଼ା ମହୋତ୍ସବ ଶୁକ୍ରବାର ଅପରାହ୍ନରୁ ଆରମ୍ଭ ହୋଇଛି। ଯୋଡ଼ା ଖେଳପଡ଼ିଆରେ ଯୋଡ଼ା ମହୋତ୍ସବ କେକକୁ ଯୋଡ଼ା ଟାଟା ଷ୍ଟିଲ ମୁଖ୍ୟ ସରୋଜ ବାନାର୍ଜୀ କାଟିଥିବା ବେଳେ ଯୋଡ଼ା ପୌରାଧ୍ୟକ୍ଷ ଜଗଦୀଶ ପ୍ରସାଦ ସାହୁ ଉପସ୍ଥିତ ଥିଲେ। ଯୋଡ଼ା ସହରର କଲ୍ୟାଣ ମଣ୍ଡପଠାରୁ ଏକ ଶୋଭାଯାତ୍ରାରେ ସ୍କୁଲ ଛାତ୍ରୀଛାତ୍ରମାନେ ପରେଡ ସହିତ ମହୋତ୍ସବ ପଡ଼ିଆରେ ପହଞ୍ଚିଥିଲେ। ପ୍ରାରମ୍ଭରେ ଶିଶୁ ସୁରକ୍ଷା ସମିତି ଯୋଡ଼ା ଶାଖା, ସାରେଗାମା ଓ ବିଭିନ୍ନ ଅନୁଷ୍ଠାନ ପକ୍ଷରୁ ଶିଶୁ କଳାକାରମାନେ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରିଥିଲେ। ସମ୍ବଲପୁରୀ, ଓଡ଼ିଶୀ ନୃତ୍ୟରେ ଦର୍ଶକ ଝୁମିଥିଲେ। ସନ୍ଧ୍ୟାରେ ଆୟୋଜିତ ସଭାରେ ମୁଖ୍ୟ ଅତିଥି ଭାବେ ମହିଳା ଓ ଶିଶୁ ବିକାଶ ମନ୍ତ୍ରୀ ବାସନ୍ତୀ ହେମ୍ବ୍ରମ୍, ସମ୍ମାନିତ ଅତିଥି ଭାବେ ଚମ୍ପୁଆ ବିଧାୟିକା ମିନାକ୍ଷୀ ମହାନ୍ତ, ପାଟଣା ବିଧାୟକ ଜଗନ୍ନାଥ ନାଏକ, ଆବାହକ ଭାବେ ପୂର୍ବତନ ଚମ୍ପୁଆ ବିଧାୟକ ଜିତୁ ପଟ୍ଟନାୟକ, ଅନ୍ୟତମ ଅତିଥି ଭାବେ ଯୋଡ଼ା ନଗରପାଳ ଜଗଦୀଶ ପ୍ରସାଦ ସାହୁ, ଟାଟା ଷ୍ଟିଲ ମୁଖ୍ୟ ପ୍ରବନ୍ଧକ ଅତୁଲ ଭଟନାଗର, ଓଡ଼ିଶା ଖଣି ନିଗମର ବଡ଼ବିଲ ଆଞ୍ଚଳିକ ଅଧିକାରୀ ଅବନୀ କାନ୍ତ ପ୍ରଧାନ, ଯୋଡ଼ା ମହୋତ୍ସବ ସମ୍ପାଦକ ସୁଶାନ୍ତ ବାରିକ ପ୍ରମୁଖ ଉପସ୍ଥିତ ଥିଲେ। ପ୍ରଥମ ଦିନର ମୁଖ୍ୟ ଆକର୍ଷଣ ସାଜିଥିଲେ ଓଡ଼ିଆ ସିନେମା ଅଭିନେତ୍ରୀ ଶୀତଲ ପାତ୍ର।




ଓଡ଼ିଶୀ ନୃତ୍ୟ ପରିବେଷଣ କରୁଛନ୍ତି ନୃତ୍ୟଶିଳ୍ପୀ।

# ଯୋଗ୍ୟ ହିତାଧିକାରୀ ଉଭାନ

## ପ୍ରଧାନମନ୍ତ୍ରୀ ଆବାସ ତାଲିକା

**ଖଇରା, ୨୦।୧(ଡି.ଏନ.ଏ.)**

ବାଲେଶ୍ୱର ଜିଲା ଖଇରା ବ୍ଲକର ୩୭ ପଞ୍ଚାୟତରେ ପ୍ରଧାନମନ୍ତ୍ରୀ ଆବାସ ପାଇଁ ଯୋଗ୍ୟ ତାଲିକା ପ୍ରକାଶ ପାଇଛି । ହେଲେ ବହୁ ଯୋଗ୍ୟ ବ୍ୟକ୍ତି ବାଦ୍ ପଡିବା ନେଇ ବିରୋଧର ସ୍ୱର ଶୁଣିବାକୁ ମିଳୁଛି । ବିଭିନ୍ନ ପଞ୍ଚାୟତ କାର୍ଯ୍ୟାଳୟ ସମ୍ମୁଖରେ ଅନଶନ ଧାରଣା ଆରମ୍ଭ ହୋଇଛି। ତ୍ରୁଟିପୂର୍ଣ୍ଣ ତାଲିକାକୁ ନେଇ ବିଜେଡି-ଭାଜପା ମଧ୍ୟରେ ଆରୋପ ପ୍ରତ୍ୟାରୋପ ଦେଖିବାକୁ ମିଳିଲାଣି। ସରକାରଙ୍କ ଗାଇଡଲାଇନକୁ ନେଇ ଖଇରା କଂଗ୍ରେସ ପକ୍ଷରୁ ତୀବ୍ର ପ୍ରତିକ୍ରିୟା ପ୍ରକାଶ କରାଯିବା ସହ ଏଥିପାଇଁ ଆଗାମୀ ଦିନରେ କଂଗ୍ରେସ ଆନ୍ଦୋଳନକୁ ଓହ୍ଲାଇବାକୁ ଚେତାବନୀ ଦେଇଛି। ଗତ ୩ ଦିନ ତଳେ ୩୭ ପଞ୍ଚାୟତର ଯୋଗ୍ୟ ହିତାଧିକାରୀ ତାଲିକା ପ୍ରକାଶ ପାଇଛି । ଏଥିରେ ବହୁ ଯୋଗ୍ୟବ୍ୟକ୍ତିଙ୍କ ନାମ ଉଭାନ ହୋଇଯାଇଥିବା ବେଳେ ଅନେକ ଅଯୋଗ୍ୟ ଥିଲାବାଲାଙ୍କ ନାମ ସ୍ଥାନିତ ହୋଇଛି । ଡାଲଙ୍ଗ-୨ ପଞ୍ଚାୟତରେ ୪୬ଜଣିଆ ତାଲିକା ପ୍ରକାଶ ପାଇଥିବା ବେଳେ ଏଥିରେ ବହୁ ଗରିବ ଦିନମଜୁରିଆ ଲୋକ ବାଦ୍ ପଡିବା ନେଇ ଯୁବନେତା ହରେକୃଷ୍ଣ ଶତପଥୀ ଆପତ୍ତି ଉଠାଇଛନ୍ତି । ସେମାନଙ୍କ ପ୍ରତି ଦୃଷ୍ଟି ଦେବାକୁ ସେ ବିଡିଓଙ୍କୁ ଜଣାଇ ସାରିଥିବା କହିଛନ୍ତି। ସେହିଭଳି ଶ୍ୟାମସୁନ୍ଦରପୁର ପଞ୍ଚାୟତରେ ତାଲିକାରେ ତ୍ରୁଟିକୁ ନେଇ ବୁଧବାର ବିଭିନ୍ନ ଗ୍ରାମର ଜୟନ୍ତ ନାୟକ, ଜୟନ୍ତୀ ମହାନ୍ତି, ମାନସ କୁମାର ନାୟକ, ସ୍ୱର୍ଣ୍ଣଲତା ବେହେରାଙ୍କ ସମେତ ଶତାଧିକ ବ୍ୟକ୍ତି ପଞ୍ଚାୟତ କାର୍ଯ୍ୟାଳୟରେ ତାଲା ଦେଇ ଧାରଣାରେ ଦୀର୍ଘ ସମୟ ଧରି ବସି ରହିଥିଲେ। ସିମୁଳିଆ ଖଇରା ନିର୍ବାଚନମଣ୍ଡଳୀର ବିଶିଷ୍ଟ କଂଗ୍ରେସ ନେତା ତଥା ପୂର୍ବତନ ଜିଲା ଉପସଭାପତି ରବୀନ୍ଦ୍ର ଶତପଥି ଗଣମାଧ୍ୟମକୁ ସୂଚନା ଦେଇ କେନ୍ଦ୍ର ସରକାରଙ୍କୁ ଟାର୍ଗେଟ କରିଛନ୍ତି। ସରକାର ବିଭିନ୍ନ ଯୋଜନାରେ ଲୋକଙ୍କୁ ସ୍ୱାବଲମ୍ବୀ କରୁଥିବା ବେଳେ ଯୋଗ୍ୟତା ପାଇଁ ଦୁଇଚକିଆ ଯାନ, ଫ୍ରିଜ, କେସିସି, ଲ୍ୟାଣ୍ଡଲାଇନ ଭଳି ଜିନିଷକୁ ମାନଦଣ୍ଡର ଆଧାରକୁ ନିଆଯାଇଛି ତାହା ଅତ୍ୟନ୍ତ ଦୁର୍ଭାଗ୍ୟପୂର୍ଣ୍ଣ । ତୁରନ୍ତ ଏହାକୁ ସଂଶୋଧନ କରା ନ ଗଲେ ହଜାର ହଜାର ସଂଖ୍ୟାର କଂଗ୍ରେସ କର୍ମୀ ଧାରଣାରେ ବସିବେ ବୋଲି ଚେତାବନୀ ଦେଇଛନ୍ତି। ବିଡିଓ ପର୍ଶୁରାମ ପଣ୍ଡାଙ୍କୁ ଏ ସମ୍ପର୍କରେ ଯୋଗାଯୋଗ କରିବାରେ ପରବର୍ତ୍ତୀ ତାଲିକାରେ ବାଦ୍ ପଡିଥିବା ଅନ୍ୟ ବ୍ୟକ୍ତିଙ୍କର ନାମ ପ୍ରକାଶ ପାଇବ ବୋଲି କହିଛନ୍ତି।



ବାଦ୍ ପଡ଼ିଥିବା ହିତାଧିକାରୀଙ୍କୁ ପୋଲିସ ବୁଝାଶୁଝା କରୁଛି।

## ଖଇରା ସିମୁଳିଆ କଂଗ୍ରେସର ଆନ୍ଦୋଳନ ଚେତାବନୀ

